# NATIONAL NEWS BULLETIN (ODIA)

**20 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

## ରାଜନାଥ-ମରୋକୋ ଗସ୍ତ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତା ସୋମବାରଠାରୁ ମରୋକୋକୁ ୨ ଦିନିଆ ସରକାରୀ ଗସ୍ତରେ ଯିବେ । ଏହି ଉତ୍ତର ଆଫ୍ରିକୀୟ ରାଷ୍ଟ୍ରକୁ ପ୍ରତିରକ୍ଷାମନ୍ତ୍ରୀଙ୍କର ଏହା ହେବ ପ୍ରଥମ ଗସ୍ତ । ଦୁଇଦେଶ ମଧ୍ୟରେ ରଣନୈତିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ପ୍ରତିରକ୍ଷାମନ୍ତ୍ରୀଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ମନ୍ତ୍ରୀ ଶ୍ରୀ ସିଂ ଏହି ଗସ୍ତ ଅବସରରେ ବେରେଚିଡ୍‌ଠାରେ ଟାଟା ଆଡଭାନ୍ସଡ ସିଷ୍ଟମ୍ ମରୋକୋର ନୂତନ ଉତ୍ପାଦନ ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ଆଫ୍ରିକାରେ ଏହା ହେବ ପ୍ରଥମ ଭାରତୀୟ ପ୍ରତିରକ୍ଷା ଉତ୍ପାଦନ ପ୍ଲାଣ୍ଟ । ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ପ୍ରତିରକ୍ଷା ଶିଳ୍ପର ବିଶ୍ୱସ୍ତରରେ ବ୍ୟାପକତାକୁ ଏହା ପ୍ରତିଫଳିତ କରୁଛି । ଭାରତ ଓ ମରୋକୋ ଦ୍ୱିପାକ୍ଷିକ ପ୍ରତିରକ୍ଷା, ରଣନୈତିକ ଏବଂ ଶିଳ୍ପ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ମନ୍ତ୍ରୀ ଶ୍ରୀ ସିଂ ତାଙ୍କ ମରୋକୋ ପ୍ରତିପକ୍ଷ ଅବଦେଲଟିଭ୍ ଲୌଡ଼ିଇଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ଦ୍ୱିପାକ୍ଷିକ ଶିଳ୍ପ ସହଯୋଗ ବୃଦ୍ଧି ନେଇ ନୂତନ ମାର୍ଗ ଉନ୍ମୋଚନ କରିବା ଲକ୍ଷ୍ୟରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ ମରୋକୋର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ରିୟାତ ମେଜୋରଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାବାର୍ଡ ଠାରେ ମନ୍ତ୍ରୀ ଶ୍ରୀ ସିଂ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବେ । ଏହି ଗସ୍ତ ଅବସରରେ ପ୍ରତିରକ୍ଷା ସହଯୋଗ ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

# ପିଏମ୍-ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଭାବନଗରଠାରେ ସମୁଦ୍ରରୁ ସମୃଦ୍ଧି କାର୍ଯ୍ୟକ୍ରମରେ ୩୪ ହଜାର ୨୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପରେ ୭ ହଜାର ୮୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ସାମୁଦ୍ରିକ ପ୍ରକଳ୍ପ ରହିଛି । ପ୍ରଧାନମନ୍ତ୍ରୀ ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟର *୬୬* ହଜାର କୋଟି ଟଙ୍କା ମୂଲ୍ୟର ୨୧ଟି ବୁଝାମଣାପତ୍ରକୁ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । **V/O (PM Marritime)**

ଏହି ଅବସରରେ ସମ୍ବୋଧନ କରି ବନ୍ଦର, ପରିବହନ ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଭାରତରେ ବନ୍ଦର ନେତୃତ୍ୱାଧୀନ ବିକାଶ ସହ ସାମୁଦ୍ରିକ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ହୋଇଛି । ସେ କହିଛନ୍ତି, ବନ୍ଦର ଗୁଡ଼ିକର କ୍ଷମତା ଦ୍ୱିଗୁଣିତ ହୋଇଛି ଏବଂ ରେକର୍ଡ ସଂଖ୍ୟକ ମାଲ୍ ପରିବହନ କରାଯାଇଛି । ଏଥିସହ ଦେଶରେ ଜଳପଥର ବିକାଶ ମଧ୍ୟ ହୋଇଛି ।

**V/O (Sarbananda)**

ଭାବନଗର ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ବିମାନ ବନ୍ଦରଠାରୁ ଜବାହର ପଡ଼ିଆ ପର୍ଯ୍ୟନ୍ତ ଏକ ରୋଡ୍ ଶୋ'ରେ ଅଂଶ ଗ୍ରହଣ କରିଥିଲେ ।

---

# ଜିଏସ୍‌ଟି-ଇଲେକ୍‌ଟ୍ରୋନିକ୍ସ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଆସନ୍ତା ସୋମବାର ଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବ ।

କେନ୍ଦ୍ର ସରକାର ଇଲେକ୍‌ଟ୍ରୋନିକ୍ସ ଉପକରଣ କ୍ଷେତ୍ରରେ ଜି.ଏସ୍.ଟି. ସଂସ୍କାରରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି ।

ଘରୋଇ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରି କେନ୍ଦ୍ର ସରକାର ଇଲେକ୍‌ଟ୍ରୋନିକ୍‌ସ ଶିଳ୍ପ ପାଇଁ ବଡ଼ ଆଶ୍ୱସ୍ତି ଆଣିଛନ୍ତି । ଏହାଦ୍ୱାରା ଜନସାଧାରଣ ଅଧିକରୁ ଅଧିକ ଇଲେକ୍‌ଟ୍ରୋନିକ୍ସ ଦ୍ରବ୍ୟ କ୍ରୟ କରିବା ସହ ଆମଦାନୀ ଉପରେ ନିର୍ଭରଶୀଳତ ହ୍ରାସ ପାଇବ ବୋଲି କୁହାଯାଇଛି ।

ସେହିପରି ଟେଲିଭିଜନ ଏବଂ ଅଣ-ଟିଭି ମନିଟର ଉପରେ ମଧ୍ୟ ଟିକସ ହାର ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ଘରୋଇ ଉତ୍ପାଦକମାନେ ଅଧିକ ଉତ୍ପାଦନ କରି ସେମାନଙ୍କ ବ୍ୟବସାୟ ବୃଦ୍ଧି କରିପାରିବେ । କମ୍ପୋଷ୍ଟିଙ୍ଗ୍ ମେସିନ୍ ଉପରେ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ଅଧିକ ତ୍ୱରାନ୍ୱିତ ହେବ । ଟୁ ୱେଜ୍ ରେଡିଓ ଉପରେ ଟିକସ ହାରକୁ ମଧ୍ୟ

୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ଦ୍ୱାରା ପୋଲିସ୍ ବାହିନୀ, ଅର୍ଦ୍ଧସାମରିକ ୟୁନିଟ୍ ଏବଂ ପ୍ରତିରକ୍ଷା ପ୍ରତିଷ୍ଠାନ ଗୁଡ଼ିକର କ୍ରୟ ଖର୍ଚ୍ଚ ହ୍ରାସ ପାଇବ ।

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଅଧୀନରେ ଏଭଳି ପଦକ୍ଷେପ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ସୁଲଭତାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ଘରୋଇ ଉତ୍ପାଦକଙ୍କ ପାଇଁ ଅଧିକ ବଜାର ବ୍ୟବସ୍ଥା ସୃଷ୍ଟି ହେବା ନେଇ ଆଶା କରାଯାଉଛି ।

---

## ଇରାନ-ପରମାଣୁ

ତେହେରାନ୍ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ କୌଣସି ବାହ୍ୟ ଚାପକୁ ବରଦାସ୍ତ କରିବ ନାହିଁ ବୋଲି ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ୍ ଅର୍ଘାଚୀ କହିଛନ୍ତି । ଏହା ଦ୍ୱାରା ଉତ୍ତେଜନାମୂଳକ ପରିସ୍ଥିତି ବୃଦ୍ଧି ପାଇବ ବୋଲି ସେ ଚେତାବନୀ ଦେଇଛନ୍ତି । ଇରାନ ନିଜର ନିରନ୍ତର କୂଟନୈତିକ ଏବଂ ବୈଷୟିକ ସହଯୋଗ ପ୍ରଦାନ କରିଆସୁଛି । ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଆଇ.ଏ.ଇ.ଏ.ର ମୁଖ୍ୟ ରାଫେଲ ଗ୍ରୋସିଙ୍କ ସହ ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା ସମୟରେ ଶ୍ରୀ ଅର୍ଘାଚୀ ଏହା କହିଛନ୍ତି ।

ଜାତିସଂଘ ସୁରକ୍ଷା ପରିଷଦର ୨୦୧୫ ପରମାଣୁ ଚୁକ୍ତି ଅନୁଯାୟୀ ପ୍ରତିବନ୍ଧକ ରିହାତି ବୃଦ୍ଧି କରିବା ନେଇ ଏକ ପ୍ରସ୍ତାବ ଗ୍ରହଣ ବିଫଳ ହେବା ପରେ ଶ୍ରୀ ଗ୍ରୋସିଙ୍କ ସହ ଶ୍ରୀ ଅର୍ଘାଚୀଙ୍କର ଟେଲିଫୋନ୍ ମାଧମରେ କଥାବାର୍ତ୍ତା ହୋଇଥିଲା । ଆଇ.ଏ.ଇ.ଏ.ର ସଂପ୍ରତି ଅନୁଷ୍ଠିତ ଏକ ବୋର୍ଡ ବୈଠକରେ ଯୋଗଦେଇ ଶ୍ରୀ ଅର୍ଘାଚୀ ରାଜନୈତିକ ପରିସ୍ଥିତିକୁ ସମାଲୋଚନା କରିବା ସହ କହିଛନ୍ତି,

ଆନ୍ତର୍ଜାତିକ ନିୟମ ପରିଧି ମଧ୍ୟରେ ପର୍ଯ୍ୟବେକ୍ଷକଙ୍କୁ ଇରାନ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରୁଛି ।

## ସେବା ପର୍ବ – ସାର୍ବଜନୀନ ସ୍ୱାସ୍ଥ୍ୟସେବା

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ଦେଶର ସାର୍ବଜନିନ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ମୋଦୀ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ଏକ ରିପୋର୍ଟ :

**Seba Parba Opening**

**Seba Parba Opening**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି । ୨୦୧୮ ମସିହାରେ ମୋଦୀ ସରକାର ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟସୁରକ୍ଷା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ । ପ୍ରତି ପରିବାରକୁ ବର୍ଷକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସୁବିଧା ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଉଛି । ୧୨ କୋଟିରୁ ଅଧିକ ପରିବାର ଏଥିରେ ସଂଶ୍ଳିଷ୍ଟ ହେବା ସହ ୫୫ କୋଟିରୁ ଅଧିକ ବ୍ୟକ୍ତି ଏହି ଯୋଜନାର ସୁଫଳ ପାଉଛନ୍ତି । ଗତବର୍ଷ ଅକ୍ଟୋବର ୨୯ ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆୟୁଷ୍ମାନ ବୟୋ ବନ୍ଦନା

ଯୋଜନାକୁ ଅନ୍ତର୍ଭୁକ୍ତ କରି ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ ବ୍ୟାପକ କରିଛନ୍ତି । **V/O (Modi)**

ଏହି ଯୋଜନା ଅଧୀନରେ ୭୦ବର୍ଷରୁ ଅଧିକ ବୟସର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅଧିକ ସହଜ ଓ ସୁଲଭ ହୋଇପାରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏକ ଅନ୍ତର୍ଭୁକ୍ତିସଂପନ୍ନ ସ୍ୱାସ୍ଥ୍ୟସେବା ଇକୋ ସିଷ୍ଟମ୍ ସୃଷ୍ଟି କରିବା ସହ ସବ୍ କା ସାଥ୍ ସବ୍ କା ବିକାଶ, ସବ୍କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ନୀତିକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି ।

(ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଂଜନ ମିଶ୍ର)

**Seba Parba Closing**

---

## ବ୍ୟାଡମିଣ୍ଟନ

ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟି ଚୀନ୍ ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ସେନ୍ଜେନ୍ ଆରେନାଠାରେ ଗତକାଲି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ଏହି ଭାରତୀୟ ଯୋଡ଼ି ଚୀନ୍ର ରେନ୍ ଜିଆଙ୍ଗ ୟୁ ଏବଂ ଜି ହାଓନାନ୍ଙ୍କୁ ୨୧-୧୪,୨୧-୧୪ ସେଟ୍ରେ ପରାସ୍ତ କରିଛନ୍ତି । ଭାରତୀୟ ଯୋଡ଼ି ଆଜି ମାଲେସିଆ ପ୍ରତିପକ୍ଷ ଆରନ୍ଚିଆ ଏବଂ ଶୋ ଓ୍ୱି ୟିକ୍ଙ୍କୁ ଭେଟିବେ ।

---

## ଓ୍ୱମେନ୍ କ୍ରିକେଟ୍:ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ମହିଳା ଆନ୍ତର୍ଜାତିକ ଏକଦିବସୀୟକ୍ରିକେଟ୍ ସିରିଜ୍ର ତୃତୀୟ ତଥା ଫାଇନାଲ୍ ମ୍ୟାଚ୍ ଜାରି ରହିଛି । ଦିଲ୍ଲୀର ଅରୁଣ ଜେଟ୍ଲୀ ଷ୍ଟାଡିୟମଠାରେ ଏହି ମ୍ୟାଚ୍ ଅଳ୍ପ ସମୟ ପୂର୍ବରୁ ଆରମ୍ଭ ହୋଇଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ

ହେବା ବେଳକୁ ଅଷ୍ଟ୍ରେଲିଆ ୩ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ୩୦ ରନ୍ ସଂଗ୍ରହ କରିଛି ।

---